# ଜିଲ୍ଲାରେ ୩୨,୬୨୯ ଶିଶୁଙ୍କ ନାମଲେଖା ଲକ୍ଷ୍ୟ

ରାୟଗଡା,୪।୪ (ଆଶିଷ ରଞ୍ଜନ ପଣ୍ଡା)


ଜିଲାପାଳ ଜଣେ ଶିଶୁଙ୍କୁ ଖଡ଼ି ଛୁଆଁଇ ଶିକ୍ଷା ଆରମ୍ଭ କରୁଛନ୍ତି।

ରାୟଗଡ଼ା ଜିଲାସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମକୁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସ୍ଥାନୀୟ ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଶୁଭାରମ୍ଭ କରିଛନ୍ତି। ପ୍ରବେଶ ଉତ୍ସବରେ ଜିଲାପାଳଙ୍କ ସମେତ ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ଓ ସସ୍ମିତା ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ପେଡାଗୋଗି ସଂଯୋଜକ ଜ୍ଞାନରଞ୍ଜନ ସାହୁ, ଭିନ୍ନକ୍ଷମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ପୂଜା ଅର୍ଚ୍ଚନା ପରେ ଶିଶୁବାଟିକାରେ ନାମ ଲେଖାଇଥିବା ଶିଶୁଙ୍କୁ ସିଲଟରେ ଖଡ଼ି ଛୁଆଇଁ ଶିକ୍ଷାରମ୍ଭ କରାଇଥିଲେ। କାର୍ଯ୍ୟକ୍ରମରେ ମୋଟ ୨୫ଜଣ ଶିଶୁଙ୍କୁ ଖଡ଼ି ଛୁଆଇଁ ଶିକ୍ଷାରମ୍ଭ କରାଇବା ସହ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ଚଳିତ ପ୍ରବେଶ ଉତ୍ସବରେ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଜିଲାରେ ମୋଟ ୩୨୬୨୯ ଜଣ ଶିଶୁଙ୍କୁ ନୂତନ ଭାବେ

### ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ

ବିଦ୍ୟାଳୟରେ ନାମଲେଖା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ପ୍ରକାଶ କରିଛନ୍ତି । ୯୭୨୧ ଜଣ ଶିଶୁବାଟିକାରେ, ୧୧୩୩୯ ଜଣଙ୍କୁ ୧ମ ଶ୍ରେଣୀ ଓ ୧୧୫୬୯ ଜଣ ଶିଶୁଙ୍କ ନାମଲେଖା ପାଇଁ ଲକ୍ଷ୍ୟା ଧାର୍ଯ୍ୟ କରାଯାଇଛି।

ଜିଲାପାଳ କୁଲକର୍ଣ୍ଣି ବିଦ୍ୟାଳୟ ପରିସରରେ ଖୋଲାଯାଇଥିବା ଖେଳଘର ଷ୍ଟଲ, ଗପ ରାଇଜ ଷ୍ଟଲ୍ ଓ ରଙ୍ଗ ପସରା ଷ୍ଟଲ୍ ପରିଦର୍ଶନ କରିବା ପରେ ଉଦ୍‌ଘାଟନ କରିଥିଲେ। ୫ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଶିଶୁବାଟିକା ଓ ୬ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମଲେଖା ନିମନ୍ତେ ଜିଲାପାଳ ଉପସ୍ଥିତ ମାତାପିତା ଓ ଅଭିଭାବକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ପ୍ରବେଶ ଉତ୍ସବର ପ୍ରଚାର ଓ ପ୍ରସାର ନିମନ୍ତେ ପୋଷ୍ଟର ଓ ପ୍ରଚାର ପତ୍ରିକାର ଉନ୍ମୋଚନ କରାଯାଇଥିଲା। ଶେଷରେ ଜିଲାପାଳ ଶିକ୍ଷା ସଚେତନତା ରଥଙ୍କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାୟଗଡ଼ା ଜିଲାର ୧୧ ବ୍ଲକ୍‌ରେ ସଚେତନତା ରଥ ଶୁଭାରମ୍ଭ କରିବା ସହ ଗୋଟିଏ ଦିନରେ ୩୦୦ ଶିଶୁଙ୍କୁ ଖଡ଼ି ଛୁଆଁ ସହ ବିଦ୍ୟାଳୟ କିଟ୍ ବଣ୍ଟନ କରାଯାଇଥିଲା। ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ବାଡ୍ରିଆ, ସମଗ୍ର ଶିକ୍ଷା ଅଭିଯାନର ପ୍ରୋଗ୍ରାମର ଦିଲୀପ କୁମାର ସାବତ, ଦୀପକ କୁମାର ରାଉତ, ନରେଶ ସିଂ, ନୀଳାଞ୍ଚଳ ମିଶ୍ର, ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।

## ଇସ୍ତଫା ଦେଲେ ପେଣ୍ଡିଲି ସରପଞ୍ଚ ରେଣୁକା ଶବର

ଗୁଡ଼ାରି,୪।୪ (ପ୍ରମୋଦ କୁମାର ପତି )


ରେଣୁକା ଶବର

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍‌ର ପେଣ୍ଡିଲି ସରପଞ୍ଚ ରେଣୁକା ଶବର ନିଜ ପଦବୀରୁ ଶନିବାର ଅପରାହ୍ନରେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଗୁଡାରି ବିଡିଓ ସୁଚିସ୍ମିତା ବେହେରାଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ପେଣ୍ଡିଲି ସରପଞ୍ଚଙ୍କ ଇସ୍ତଫାପତ୍ର ପାଇବା ପରେ ଏହାକୁ ଗୁଣପୁର ଉପଜିଲାପାଳଙ୍କୁ ପ୍ରେରଣ କରାଯିବ ବୋଲି ବିଡିଓ ବେହେରା କହିଛନ୍ତି । ସରପଞ୍ଚ ରେଣୁକା ଶବରଙ୍କ କହିବାନୁଯାୟୀ, ସେ ଶିକ୍ଷା ବିଭାଗରେ ଚାକିରି ପାଇଥିବାରୁ ପଦରୁ ଇସ୍ତଫା ଦେଇଛନ୍ତି। ନିଜ କାର୍ଯ୍ୟକାଳ ମଧ୍ୟରେ ସେ ପେଣ୍ଡିଲି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ଉନ୍ନତିମୂଳକ କାର୍ଯ୍ୟ କରି ଗ୍ରାମବାସୀଙ୍କ ପ୍ରିୟପାତ୍ର ହୋଇଛନ୍ତି। ରାଜନୀତି ଛାଡି ବର୍ତ୍ତମାନ ସେ ସରକାରୀ ପଦବୀରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ପ୍ରକାଶ ଥାଉକି, ପୂର୍ବରୁ ବ୍ଲକ୍‌ର ଏମ୍‌କେରାଇ ଗ୍ରାମପଞ୍ଚାୟତର ସରପଞ୍ଚ ତୟାର ଗ୍ରାସମୀ ଶବର ସରକାରୀ ଚାକିରି ପାଇବା ପରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ସେହିପରି କଦମା ଗ୍ରାମପଞ୍ଚାୟତ ସରପଞ୍ଚ ଅନାସ୍ଥାରେ ନିଜ ପଦବୀ ହରାଇଥିଲେ। ବର୍ତ୍ତମାନ ଗୁଡାରି ବ୍ଲକ୍‌ର ୯ଟି ଗ୍ରାମପଞ୍ଚାୟତର ୩ଟି ସରପଞ୍ଚ ପଦବୀ ଖାଲି ରହିଛି। ଏହି ୩ଟି ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ଦାୟିତ୍ୱ ତୁଲାଉଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗୁଡାରିରେ ଏକ ପ୍ରି ନିର୍ବାଚନ ଦେଖିବାକୁ ମିଳିବ ଏବଂ ରାଜନୈତିକ ଦଳଗୁଡିକ ମଧ୍ୟରେ ମଧ୍ୟ ତୀବ୍ର ପ୍ରତିଯୋଗିତା ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି।

## ଶିଶୁଙ୍କୁ ଖଡ଼ି ଛୁଆଁଇଲେ ପୌର ଅଧ୍ୟକ୍ଷା


ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ଜଣେ ଶିଶୁଙ୍କୁ ଖଡ଼ି ଛୁଆଁଉଛନ୍ତି ।

ଗୁଣପୁର, ୪।୪(ସଂକେତ ପାତ୍ର)

ରାୟଗଡ଼ା ଜିଲାର ବିଭିନ୍ନ ସ୍କୁଲରେ ଶନିବାର ବିଦ୍ୟାଳୟ ପ୍ରବେଶ ଉତ୍ସବ, ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବ୍ଲକ୍ ମରାଠିଗୁଡା ସ୍କୁଲ ପରିସରରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ବ୍ଲକ ଅଧ୍ୟକ୍ଷା ଝିଲି ଶବର ଓ ସ୍ଥାନୀୟ କାଉନସିଲର ଚେପାଲି ସରସ୍ୱତୀ, ରଶ୍ମି ପାତ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ ଛୋଟ ଛୋଟ ପିଲାଙ୍କୁ ଖଡ଼ିଛୁଆଁ କରାଇଥିଲେ।

## ଗୁଣପୁର ଅବକାରୀ କାର୍ଯ୍ୟାଳୟରେ ତାଲା

### ବିଭିନ୍ନ କାମରେ ଆସି ଫେରିକି ଗଲେ ଲୋକେ

ଗୁଣପୁର,୪।୪(ସଂକେତ ପାତ୍ର)


ଗୁଣପୁର ଅବକାରୀ କାର୍ଯ୍ୟାଳୟ ଫାଟକରେ ତାଲା ପଡ଼ିଛି।

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ସରକାରୀ ଅବକାରୀ ବିଭାଗ କାର୍ଯ୍ୟାଳୟରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ସାଧାରଣତଃ କାର୍ଯ୍ୟ ସମୟରେ କାର୍ଯ୍ୟାଳୟ ଖୋଲା ରହିବା କଥା, କିନ୍ତୁ ଗୁଣପୁର ଅବକାରୀ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି କେତେଜଣ ଲୋକ କୌଣସି କାମ ପାଇଁ କାର୍ଯ୍ୟାଳୟକୁ ଆସିଥିବାବେଳେ ଫାଟକରେ ତାଲା ପଡ଼ିଥିବା ଦେଖି ନିରାଶ ହୋଇ ଫେରିଯାଇଥିବା ଦେଖିବାକୁ ମିଳିଥିଲା। କେଉଁ କାରଣରୁ ଅବକାରୀ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ବନ୍ଦ ରଖିଥିଲେ ସେ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଗୁଣପୁର କାର୍ଯ୍ୟାଳୟର ସବ୍ ଇନ୍‌ସ୍ପେକ୍ଟର ବେଣୁ ସାମଲଙ୍କୁ ଯୋଗାଯୋଗ ପାଇଁ ବାରମ୍ବାର ଫୋନ କରାଯାଇଥିଲେ ମଧ ସେ ପ୍ରଥମେ ଫୋନ କାଟିଦେଇଥିବା ସହ ପରେ ଫୋନ ରିସିଭ କରି ନ ଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ରାୟଗଡ଼ା ଜିଲା ଅବକାରୀ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ଧଳସାମନ୍ତଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ରାୟଗଡ଼ା କାର୍ଯ୍ୟାଳୟ ସମୟ ଅନୁସାରେ ଖୋଲାଯାଉଛି। ଗୁଣପୁର କାର୍ଯ୍ୟାଳୟର କର୍ମଚାରୀମାନେ ସମ୍ଭବତଃ ବାହାରକୁ ଡ୍ୟୁଟିରେ ଯାଇଥିବାରୁ କାର୍ଯ୍ୟାଳୟ ବନ୍ଦ ରହିଥିବ ବୋଲି ସେ କହିଥିଲେ। କାର୍ଯ୍ୟ ସମୟରେ କାର୍ଯ୍ୟାଳୟକୁ ତାଲା ପକାଇ ବନ୍ଦ ରଖିବା ପାଇଁ ଏମିତି କୌଣସି ବିଶେଷ ପ୍ରାବଧାନ ନାହିଁ, କିନ୍ତୁ କର୍ମଚାରୀ ସଂଖ୍ୟା କମ୍ ଥିଲେ ସେମାନେ ବାହାରକୁ କାମରେ ଯାଇଥିବା ସମୟରେ କାର୍ଯ୍ୟାଳୟ ବନ୍ଦ ରହିପାରେ ବୋଲି ସେ ସୂଚନା ଦେଇଥିଲେ। ଏହି ଘଟଣାର ତୁରନ୍ତ ତଦନ୍ତକରି ଦାୟୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି।

## ଶିକ୍ଷାର ବାର୍ତ୍ତା ଦେବା ସହ ସଚେତନ କରିବ ରଥ

ଗୁଣପୁର,୪।୪(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ତାମ୍ପରଗୁଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷା ରଥକୁ ମୁଖ୍ୟ ଅତିଥି ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିକ୍ଷା ସଚେତନତା ରଥ ଶୁକ୍ରବାରଠାରୁ ୧୦ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟରେ ପହଞ୍ଚି ଶିକ୍ଷାର ବାର୍ତ୍ତା ଦେବା ସହିତ ଲୋକଙ୍କୁ ସଚେତନ କରିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ କହିଛନ୍ତି। ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା।

ଗୋଷ୍ଠୀ ଶିକ୍ଷା ଅଧିକାରୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ,ପ୍ରଧାନଶିକ୍ଷକ ଶିବ ପ୍ରସାଦ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ଅଧୀନରେ ଥିବା ସମସ୍ତ ସିଆରସିସି, ସ୍ଥାନୀୟ ଜନ ପ୍ରତିନିଧି, ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ରହି ଶିଶୁଙ୍କୁ ଫୁଲମାଳା, ପୁସ୍ତକ, ବ୍ୟାଗ ଓ ଶିକ୍ଷା ସାମଗ୍ରୀ ଦେଇ ସ୍ୱାଗତ କରିଥିଲେ। ଏହା ସହ ଶିଶୁମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥି ସବୁଜ ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

## ୯ ଶିଶୁ ଖଡ଼ି ଛୁଇଁ ବିଦ୍ୟା ଆରମ୍ଭ କଲେ

ଗୁଣପୁର, ୪।୪ (ସୁଜାତା ପାଢ଼ୀ)

ଗୁଣପୁର ବ୍ଲକ୍‌ର ଟିଟିମିରି ଗ୍ରାମ ପଞ୍ଚାୟତ ମୁଖ୍ୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଦିନରେ ୯ ଜଣ ଶିଶୁ ନୂତନ ଭାବରେ ଖଡ଼ି ଛୁଇଁ ବିଦ୍ୟା ଆରମ୍ଭ କରିଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବ ପ୍ରସାଦ ମହାପାତ୍ର ଖଡ଼ିଛୁଆଁ କାଯ୍ରକ୍ରମ ଆରମ୍ଭ କରିବା ପରେ ଶିକ୍ଷକ ଶିବ ପ୍ରସାଦ ପଟ୍ଟନାୟକ, ଶିକ୍ଷୟିତ୍ରୀ ପାର୍ବତୀ ପ୍ରଧାନ, ଭୀମ ଶବର ଉପସ୍ଥିତ ରହି ପିଲାଙ୍କ ବିଦ୍ୟାରମ୍ଭ କରିଥିଲେ। ୩ ଜଣ ବାଲ ବାଟିକା ଓ ୬ ଜଣ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ବିଦ୍ୟାଳୟ ପରିସରରେ ଖେଳନା, ସଂଖ୍ୟା ଜ୍ଞାନ, ଶିକ୍ଷଣ ସାମଗ୍ରୀ କୋଣ ପ୍ରସ୍ତୁତ କରାଯାଇଥିଲା। ସେଲ୍ଫି ପଏଣ୍ଟରେ ଅଭିଭାବକମାନେ ଛୁଆଙ୍କ ସହ ସେଲ୍ଫି ନେଇଥିଲେ ।

## ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

ଚନ୍ଦ୍ରପୁର,୪।୪(ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କଇନ କିମାକା ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବଙ୍ଗାଲ, ମୁଖ୍ୟବକ୍ତା ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗୀତାରାଣୀ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡକା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତାଡିଙ୍ଗ ସିଙ୍ଗନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ବାଳକୃଷ୍ଣ ବିହାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କୁ ଖଡ଼ି ଛୁଆଁଇ ଶିକ୍ଷା ଆରମ୍ଭ କରିଥିଲେ। ଉମାକାନ୍ତ ମିଶାଲ ମଞ୍ଚ ପରିଚାଳନା କରିଥିବା ବେଳେ ଚନ୍ଦ୍ରପୁର ବ୍ଲକ୍‌ର ୮ଟି କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ପରିଚାଳନାରେ ସହଯୋଗ କରିଥିଲେ ।


ଅତିଥିଙ୍କ ସହ ନାମ ଲେଖାଇଥିବା ଶିଶୁ ଓ ତାଙ୍କ ଅଭିଭାବକ।

## ଜମିରେ କୀଟନାଶକ ସିଞ୍ଚନ କରି ଗୁରୁତର ଚାଷୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୪।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତାଟିପାଟି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଚାଷୀ ନିଜ ଜମିରେ କୀଟନାଶକ ସିଞ୍ଚନ କରି ଗୁରୁତର ହୋଇପଡିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ତାମଡା ଲକ୍ଷ୍ମୀ ନାରାୟଣ (୫୬)। ଲକ୍ଷ୍ମୀ ନାରାୟଣ ଚାଷ ଜମିରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ଶୁକ୍ରବାର ସେ ଜମିରେ କୀଟନାଶକ ଔଷଧ ସିଞ୍ଚନ କରିଘରକୁ ଫେରି ଶୋଇପଡିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ସେ ନ ଉଠିବାରୁ ପରିବାର ଲୋକେ ଉଠାଇଥିଲେ। ହେଲେସେ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## କେନାଲ ତଳକୁ ଖସିଲା ପାଇପ୍ ବୋଝେଇ ଗାଡ଼ି

ଖଜୁରୀପଡ଼ା,୪।୪ (ବିଦ୍ଧୁର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଖଲିଗୁଡୁରି ନିକଟରେ ଶନିବାର ଏକ ଦୁର୍ଘଟଣା ଘଟିଛି। ସୋଲାର ପାଇପ ବୋଝେଇ କରି ଆସୁଥିବା ଏକ ଡାଲା ଗାଡ଼ି ଭାରସାମ୍ୟ ହରାଇ କେନାଲ ତଳକୁ ଓଲଟି ଖସି ପଡ଼ିଥିବା ବେଳେ ସେଥିରୁ ୨ ଜଣ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ସୋଲାର ପାଇପ ବୋଝେଇ କରି ଏକ ଗାଡ଼ି ଓଡି ୦୨ ସିଜେ ୦୬୮୩ ଘାଟିଗୁଡ଼ାରୁ ଭଞ୍ଜରମୁଣ୍ଡା ଅଭିମୁଖେ ଆସୁ ଥିବା ବେଳେ ଖଲିଗୁଡୁରି ନିକଟସ୍ଥ ପିଲାସାଲୁଙ୍କୀ କେନାଲ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ ଗାଡ଼ିରେ ଚାଳକ ସୁନିଲ କହଁର ଏବଂ ବଲସକୁମ୍ପା ନିକଟସ୍ଥ ଭାଞ୍ଜରମୁଣ୍ଡା ଗ୍ରାମର ସହଯୋଗି ଲବ ଦଳବେହେରା ଥିଲେ। ସେମାନେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛନ୍ତି।

## ଗାନୁଲାଙ୍କାରେ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନକୁ ନେଇ ବିବାଦ

ଗୁଣପୁର, ୪।୪(ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଗୋଠଲପଦର ପଞ୍ଚାୟତର ଗାନୁଲାଙ୍କା ଗ୍ରାମରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଆନୁକୂଲ୍ୟରେ ନିର୍ମିତ ଆମ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନକୁ ନେଇ ବିବାଦ ଦେଖାଦେଇଛି। ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ଶୁକ୍ରବାର କୋଠାର ଉଦ୍‌ଘାଟନ କରିଥିଲେ। ତେବେ ପ୍ରଶାସନର ବିନା ଅନୁମତିରେ କୋଠା ଉଦ୍‌ଘାଟନ ହୋଇଥିବା ବ୍ଲକସ୍ତରରେ ନିର୍ବାଚିତ ପ୍ରତିନିଧି ଶନିବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଚାୟତ କି ବ୍ଲକସ୍ତରରେ ନିର୍ବାଚିତ ପ୍ରତିନିଧି ଥିବା ସତ୍ତ୍ୱେ ପୌରାଞ୍ଚଳର ଜଣେ ନିର୍ବାଚିତ ପ୍ରତିନିଧି ରିବନ କାଟି କୋଠା ଉଦ୍‌ଘାଟନ କରିବା ପଞ୍ଚାୟତ ପ୍ରତିନିଧିଙ୍କ ପ୍ରତି ଅପମାନ ବୋଲି ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଶ୍ୱିନୀ ଗମାଙ୍ଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାଲି ଗମାଙ୍ଗ, ଜିଲା ବିଜେଡି ସମ୍ପାଦକ ଦାରାସିଂ ଶବର, ଗାଦିଆଖଲା ପୂର୍ବତନ ସରପଞ୍ଚ କେ ଶମେଶ୍ୱର ରାଓଙ୍କ ସମେତ ପୂର୍ବତନ ସରପଞ୍ଚ ଓ ସମିତସଭ୍ୟ ଗୁଣପୁର ବ୍ଲକ ବିଡିଓ ସ୍ୱସ୍ତିକ ଜମାଦାରଙ୍କୁ ଭେଟି ଆପତ୍ତି ଉଠାଇଥିଲେ। ଏ ବିଷୟରେ ବିଡିଓ କିମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀ କିଛି ଜାଣି ନ ଥିବା କହିଥିଲେ। ପରବର୍ତ୍ତୀ ସମୟରେ ଏଭଳି ଘଟଣା ଯେଭଳି ପୁନରାବୃତ୍ତି ନ ହେବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ବିଡିଓ କହିଥିଲେ। ସେଠାରେ ପଞ୍ଚାୟତ ସରପଞ୍ଚ ଓ ବ୍ଲକ୍ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର ଅନ୍ୟ ଏକ କାର୍ଯ୍ୟକ୍ରମକୁ ଯାଇଥିବାରୁ ସେଠାରେ ଗୁଣପୁର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଉପସ୍ଥିତ ଥିଲେ । ତେଣୁ ସମସ୍ତେ ମିଶି ଏହାର ଉଦ୍‌ଘାଟନ କରିଥିବା ଜଣାପଡିଥିଲା ବୋଲି ବିଡିଓ କହିଛନ୍ତି। ପରବର୍ତ୍ତୀ ସମୟରେ କୌଣସି କୋଠା ଉଦ୍‌ଘାଟନ ହେଲେ ସମସ୍ତଙ୍କୁ ଜଣାଇବା ପାଇଁ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ବ୍ଲକର ନିର୍ବାଚିତ ପ୍ରତିନିଧି ବିଡିଓଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

## ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖାକୁ ଗୁରୁତ୍ୱ


ଏଡିଏମ୍ ନବୀନ ଚନ୍ଦ୍ର ନାୟକ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା,୪।୪(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ମିଳିତ ସହଯୋଗରେ ଶନିବାର ରାୟଗଡ଼ା ସହରରେ ଅବସ୍ଥିତ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡିକ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ନିମନ୍ତେ ଏକ ସଚେତନତା ପଦଯାତ୍ରା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନକରି ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଶ୍ରମ କାର୍ଯ୍ୟାଳୟ ପାଖରେ ଶେଷ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁବାସ ଚନ୍ଦ୍ର ମଣ୍ଡଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିରୁଆନ, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ମାନବାଧିକାର କର୍ମୀ, ବିଭିନ୍ନ ଅନୁଷ୍ଠାନ ସଦସ୍ୟ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଗୁଣପୁରରେ ସଚେତନତା ଶୋଭାଯାତ୍ରା

ଗୁଣପୁର, ୪।୪(ସଂକେତ ପାତ୍ର/ସୁଜାତା ପାଢ଼ୀ)

ଶ୍ରମ ବିଭାଗ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ନାମଫଳକ ଲେଖିବା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ଶନିବାର ଗୁଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ସାଧୁ ପାଉଲ ପ୍ରାଥମିକ ବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇ ସହର ସାରା ବୁଲି ବିଭିନ୍ନ ଅନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲେଖିବା ନିମନ୍ତେ ସଚେତନ କରାଯାଇଥିଲା । ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନ ଓ ବାଣିଜ୍ୟିକ ଅନୁଷ୍ଠାନଗୁଡିକ ଓଡ଼ିଆ ଫଳକ ଲେଖି ନ ଥିବା ଯୋଗୁ ଜରିମାନା ମଧ୍ୟ ଆଦାୟ କରାଯାଇଥିବା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି । ଶୋଭାଯାତ୍ରାକୁ ସହକାରୀ ଶ୍ରମ ଅଧିକାରୀ ସ୍ୱାତୀଲଗ୍ନା ପାତ୍ର, ସାଧୁ ପାଉଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପ୍ରଧାନ, ଅନନ୍ତ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିକ୍ଷକ ମଜେଶ ଶବର, ଶିକ୍ଷୟିତ୍ରୀ ସଞ୍ଜିତା ଶବର, କର୍ମ ନିୟୋଜନ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ଦିଲୀପ ପଣ୍ଡା, ଶ୍ରମ କାର୍ଯ୍ୟାଳୟର ଭାସ୍କର ପଟ୍ଟନାୟକ, ଏନ୍ . ସୁନୀଲ ପ୍ରମୁଖ ସଚେତନତା ଶୋଭାଯାତ୍ରାକୁ ପରିଚାଳନା କରିଥିଲେ ।



ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ଶିଶୁଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟ



ବିଧାୟକ, ଜିଲାପାଳଙ୍କ ସହ ନାମ ଲେଖାଇଥିବା ଶିଶୁମାନେ ।

ନବରଙ୍ଗପୁର,୪।୪(ସଦାଶିବ ପ୍ରହରାଜ)

### ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ

ସମଗ୍ର ଶିକ୍ଷା ବିଭାଗ ତରଫରୁ ନବରଙ୍ଗପୁର ଏକ୍ସବୋର୍ଡସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ ଯୋଗଦେଇ ସ୍ଥାନୀୟ ବିଦ୍ୟାଳୟରେ ନାମ ଲେଖାଇଥିବା ୧୦ ଜଣ ଶିଶୁଙ୍କୁ ଖଡ଼ି ଛୁଆଁଇ ବିଦ୍ୟାରମ୍ଭର ଶୁଭମନାସି ଥିଲେ। ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଜିଲାର ଶିଶୁମାନେ ବିଦ୍ୟାଳୟ ଓ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟରେ ଏହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେଥିପାଇଁ ଶିକ୍ଷା ବିଭାଗର ବିଶେଷ ଗୁରୁତ୍ୱ ଭୂମିକା ରହିଛି ବୋଲି ବିଧାୟକ ମାଝୀ କହିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ମଞ୍ଚାସୀନ ଥିଲେ। ଜିଲାର ପ୍ରତ୍ୟେକ ମାତାପିତା ନିଜର ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ କରାଇ ଶିକ୍ଷାର ଶୁଭାରମ୍ଭ ଓ ମହାନୀୟତାକୁ ଗୁରୁତ୍ୱ ଦେବା ପାଇଁ ଜିଲାପାଳ ଆହ୍ୱାନ କରିଥିଲେ।

କାର୍ଯ୍ୟକ୍ରମ ସ୍ଥଳରେ ପ୍ରସ୍ତୁତ ହୋଇଥିବା ଖେଳ ଘର, ରଙ୍ଗ ପସରା, ଗପରାଇଜ ଓ ଶିକ୍ଷଣ ସାମଗ୍ରୀ ଷ୍ଟଲକୁ ମୁଖ୍ୟ ଅତିଥି ପରିଦର୍ଶନ କରିଥିଲେ। ଏହି ଅବସରରେ ୧୦ ଶିକ୍ଷା ସଚେତନ ରଥକୁ ବିଧାୟକ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରକାଶ କୁମାର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ, ସୁପ୍ରିୟା ନାୟକ, ବିଭିନ୍ନ ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ କାର୍ଯ୍ୟାଳୟର କର୍ମଚାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପିଲାଙ୍କୁ ଖଡ଼ି ଛୁଆଁଇଲେ ବିଧାୟକ

ଝରିଗାଁ,(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଚଚା ପଞ୍ଚାୟତ ଅନ୍ତର୍ଗତ ତାରାବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂହ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଖଡ଼ି ଛୁଆଁଇଲେ। ଏଥିସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ବିଡିଓ ମଧୁସୂଦନ ମାଝୀ, ଏବିଇଓ ଦଶରଥ ଗଣ୍ଡ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ ସହ ଓଡ଼ିଶାର ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିବା ନେଇ ବିଧାୟକ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ ପ୍ରଧାନ ଏବଂ ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଧାୟକ ନରସିଂହ ମାଝୀ ପିଲାଙ୍କୁ ଖଡ଼ି ଛୁଆଁଉଛନ୍ତି।

## କନ୍ହେଇମୁଣ୍ଡାରୁ ବିଦ୍ୟାଳୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଶୁଭାରମ୍ଭ

ତେନ୍ତୁଳିଖୁଣ୍ଟି, (ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ କନ୍ହେଇମୁଣ୍ଡାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶୁଭାରମ୍ଭ କରାଯାଇଛି। ବିଡିଓ ମନୋଜ ପାଣିଗ୍ରାହୀ,ବିଇଓ ସୁଦୀପ୍ତ ଦାସ,ଏବିଇଓ ପ୍ରଫୁଲ୍ଲ ପଟ୍ଟନାୟକ ଓ କୁଳରଞ୍ଜନ ସୁନା ଯୋଗଦେଇଥିଲେ। ବିଡିଓ ପାଣିଗ୍ରାହୀ କୋଳରେ ଶିଶୁଙ୍କୁ ବସାଇ ଖଡ଼ି ଛୁଆଁଇଥିଲେ। ଏହି ଅବସରରେ ପୂଜକ ବିଭୁ ପଦାରବିନ୍ଦ ରଥ ମନ୍ତ୍ର ଉଚ୍ଚାରଣ କରିଥିଲେ । ଶିକ୍ଷକ ସଞ୍ଜୀବ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଧାୟକ ଓ ଏମ୍‌ପି ପ୍ରତିନିଧି ପତାକା ଦେଖାଇ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

## ଦେଶୀ ରାକ୍ଷୀ ମଦ ଜବତ, ଜଣେ ଗିରଫ

ତେନ୍ତୁଳିଖୁଣ୍ଟି,୪।୪ (ଚିଦାନନ୍ଦ ସାହୁ)

ଦେଶୀ ରାକ୍ଷୀ ମଦ ଜବତ ଘଟଣାରେ ଅବକାରୀ ବିଭାଗ ଜଣେ ବ୍ୟକ୍ତିଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ବାଗନାଗୁଡ଼ା ଗ୍ରାମର ଲକ୍ଷ୍ମୀକାନ୍ତ ବିଷୋୟୀ । ଜିଲାପାଳ ଏବଂ ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ଶନିବାର ବାଗନାଗୁଡ଼ା ଗ୍ରାମରେ ଚଢ଼ାଉ କରାଯାଇ ଲକ୍ଷ୍ମୀକାନ୍ତଙ୍କ ନିକଟରୁ ୨୦ ଲିଟର ଚୋରା ଦେଶୀ ହାତ ରାକ୍ଷୀ ମଦ ଜବତ କରାଯାଇଥିଲା। ଏ ନେଇ ନବରଙ୍ଗପୁର ଅବକାରୀ ରେଞ୍ଜରେ ୧/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଚଢ଼ାଉରେ ରଞ୍ଜି ଯାନୀ, ସଦାଶିବ ଭତରା ଓ ଆକ୍ରମ ଖାନ ସାମିଲ ଥିଲେ।

## ହନୁମାନ ମନ୍ଦିର ବାର୍ଷିକ ଉତ୍ସବରେ କଳସଯାତ୍ରା

ସୁନାବେଡା,୪।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ହାଲ୍ ଟାଉନଶିପ ୟୁ ଜୋନ୍‌ସ୍ଥିତ ହନୁମାନ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ନୀତି ନିର୍ଘଣ୍ଟ ଅନୁଯାୟୀ ଅଙ୍କୁରା ରୋପଣ କରାଯାଇ ଶୁକ୍ରବାର ଶୁଭାରମ୍ଭ କରାଯାଇଛି। ଶନିବାର ସହରାଞ୍ଚଳର ମହିଳାମାନେ ଏଲ୍ ଜୋନ୍ ଜଗନ୍ନାଥ ମନ୍ଦିର ପରିସର ପୋଖରୀରୁ ୧୦୮ କଳସରେ ପାଣି ଧରି ଶୋଭଯାତ୍ରା କରିଥିଲେ। ଜଗନ୍ନାଥ ମାର୍କେଟ ରାସ୍ତା ଦେଇ ବସ୍‌ଷ୍ଟାଣ୍ଡ ଗୋଲେଇ ଛକ ଓ ମନ୍ଦିର ପରିସରରେ ପହଞ୍ଚିଥିଲେ। ଉତ୍ସବ ତିନିଦିନ ହେବା ନେଇ ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। କଳସ ଯାତ୍ରାରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

## ସରିଲା ମା’ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା

କୋଡ଼ିଙ୍ଗା, ୪।୪ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗାରେ ୧୧ ଦିନ ଧରି ଚାଲିଥିବା ଗ୍ରାମଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଶନିବାର ମହାସମାରୋହରେ ଉଦ୍‌ଯାପିତ ହୋଇଛି। ଗତ ୨୫ ତାରିଖର ମା’ ଗ୍ରାମର ପ୍ରତ୍ୟେକ ସାହିର ଘର ଘର ବୁଲି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ନିଜ ଦୁଆର ପାଖରେ ମା’ଙ୍କୁ ପାଇ ଗ୍ରାମବାସୀ ନାନା ବିଧି ପୂଜାର୍ଚ୍ଚନା କରିଥିଲେ। ଶନିବାର ନଗର ପରିକ୍ରମା ବେଳେ ମାନସିକଧାରୀମାନେ ଅନେକ ପ୍ରକାର ପୂଜାର୍ଚ୍ଚନା ସହିତ ପଶୁ ପକ୍ଷୀ ବଳି ଦେଇଥିବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ଭଲ ଫସଲ, ମହାମାରୀ ରୋଗରୁ ମୁକ୍ତି, ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଗ୍ରାମବାସୀ ସାମୂହିକ ଭାବେ ମା’ଙ୍କୁ ପ୍ରାର୍ଥନା କରିଥିଲେ। ନାନା ପ୍ରକାର ଗୀତ ନାଚରେ କୋଡ଼ିଙ୍ଗା ଉତ୍ସବ ମୁଖର ହୋଇଥିଲା। ଏହି ଯାତ୍ରାକୁ ଗାଁ ମୁଖିଆ ଅନନ୍ତ ରାମ ମାଝୀଙ୍କ ନେତୃତ୍ୱରେ ଗାଁ କମିଟି ପରିଚାଳନା କରିଥିଲେ।



ମା’ଙ୍କ ଘଟ ଗାଁ ପରିକ୍ରମା କରୁଛି।

## ଭାଷା, ସଂସ୍କୃତିଭିତ୍ତିକ ପ୍ରତିଯୋଗିତା

ନବରଙ୍ଗପୁର,୪।୪(ସଦାଶିବ ପ୍ରହରାଜ)

ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ସୀମାନ୍ତ ସାହିତ୍ୟ ପରିବାର’ ଆନୁକୂଲ୍ୟରେ ସ୍ଥାନୀୟ ରାଜା ଚୈତନ୍ୟଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସଂସ୍କୃତି ଭିତ୍ତିକ ବିଭିନ୍ନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଥିଲା । ଆନ୍ତଃ ଉଚ୍ଚ ବିଦ୍ୟାଳୟ ଏବଂ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଶୁଦ୍ଧ ବନାନ ଲିଖନ, ଓଡ଼ିଆ କୁଇଜ, ଓଡ଼ିଆ କ୍ଷୁଦ୍ର ଗଳ୍ପ ଓ କବିତା, ଓଡ଼ିଆ ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ ଏବଂ ନବରଙ୍ଗପୁର ସଂସ୍କୃତି ଭିତ୍ତିକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଏପ୍ରିଲ ୧୪ ବିଷୁବ ସୀମାନ୍ତ ସାହିତ୍ୟ ତଥା ଓଡ଼ିଆ ନବ ବର୍ଷ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମକୁ ସୀମାନ୍ତ ସାହିତ୍ୟ ପରିବାରର ଅଶୋକ ପଟ୍ଟନାୟକ, ଜି. ଭେଙ୍କଟ ରେଡ୍ଡୀ, ସୁରେଶ ମିଶ୍ର, ରାମକୃଷ୍ଣ ପାତ୍ର, ରଘୁନାଥ ଶତପଥୀ, ଦିଲ୍ଲୀପ କୁମାର ପାଣିଗ୍ରାହୀ, ଆଶୁତୋଷ ପାତ୍ରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ । ସଂଯୁକ୍ତା ପଣ୍ଡା, ଦିଲୀପ କୁମାର ଦାଶ ଏବଂ ଡି. ସି. ବି. ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରରେ ସମ୍ମାନିତ

ନବରଙ୍ଗପୁର,୪।୪ (ସଦାଶିବ ପ୍ରହରାଜ)

ଭାରତୀୟ ରେଡକ୍ରସ ସୋସାଇଟି ଶାଖା ପକ୍ଷରୁ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜଠାରେ ମାର୍ଚ୍ଚ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଆନ୍ତଃ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ଛାତ୍ରୀଛାତ୍ର ଭାଗ ନେଇ ସଫଳତା ହାସଲ କରି ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଶନିବାର ନାମଲେଖା ଓ ଖଡ଼ି ଛୁଆଁ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଛି। ନୃତ୍ୟ ପ୍ରତିଯୋଗିତାରେ ପଣ୍ଡୁଗୁଡା ସହଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପ୍ରଥମ, ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପାପଡାହାଣ୍ଡି ଓ.ଏ.ଭି.ର ଛାତ୍ର କୋରୁକୋଣ୍ଡା ମହେଶ କୁମାର ପ୍ରଥମ, ପ୍ରଦର୍ଶନୀ ପ୍ରତିଯୋଗିତାରେ ଧୋଡ୍ରା ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ଛାତ୍ର ବିଜେନ୍ଦ୍ର ଗଣ୍ଡ ପ୍ରଥମ, ତତ୍କାଳିକ ଭାଷଣରେ ପାପଡାହାଣ୍ଡି ଓ.ଏ.ଭି.ର ଛାତ୍ର କୋରୁକୋଣ୍ଡା ମହେଶ କୁମାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ତଥା ଝାଡ଼ବନ୍ଧଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶନୀ ଚୌଧୁରୀ, ଏମ. କେରାଗାଁ ଉଚ୍ଚବିଦ୍ୟାଳୟର ଶିକ୍ଷକ ତଥା ଜୁନିୟର ରେଡକ୍ରସ କୋଷାଗୁମୁଡା ବ୍ଲକ ସଂଯୋଜକ ଶ୍ରବଣ କୁମାର ଦେବତା, ତେନ୍ତୁଳୀଖୁଣ୍ଟି ପୂଜାରୀଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରାମର୍ଶଦାତ୍ରୀ ସବିତା ବେହେରା ଛାତ୍ରୀଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ମହାଲିକ, ଶ୍ରୀକାନ୍ତ ଜାନୀ, ସୁପ୍ରିୟା ନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ।

## ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା




ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାହାରୁଥିବା ପଦଯାତ୍ରା।

ଡାବୁଗାଁ, ୪।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି। ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାହାରିଥିବା ପଦଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇ ସମାଜରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଡାବୁଗାଁ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଛାତ୍ରୀଛାତ୍ର ପ୍ଲାକାର୍ଡ ଓ ସ୍ଲୋଗାନ ଆମ ଭାଷା ଓଡ଼ିଆ, ଆମର ଗୌରବ ପରି ସ୍ଲୋଗାନ ମାଧ୍ୟମରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଆହ୍ୱାନ ଜଣାଇଥିଲେ। ଓଡିଆ ପକ୍ଷ କାର୍ଯ୍ୟକ୍ରମରେ ଡାବୁଗାଁ ବିଡିଓ ସମୀର ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡା, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ଦୀପକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଡାକ୍ତରଙ୍କ ବଦଳିକୁ ନେଇ ବଢ଼ୁଛି ଅସନ୍ତୋଷ

ଉମରକୋଟ, ୪।୪ (ସନ୍ତୋଷ ସତପଥୀ)

ନବରଙ୍ଗପୁର ଜିଲା ଉମରକୋଟର ଜଣେ ଅଭିଜ୍ଞ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ କୁମାର ରାଉଳଙ୍କ ବଦଳି ଖବରକୁ ନେଇ ଅଞ୍ଚଳରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଡାକ୍ତର ରାଉଳ ଦୀର୍ଘଦିନ ଧରି ଉମରକୋଟ ଓ ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ ମାତୃତ୍ୱ ଏବଂ ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ। ବର୍ଷ ବର୍ଷ ଧରି ସେ ଅନେକ ରୋଗୀଙ୍କ ସେବା କରିଛନ୍ତି, ଗର୍ଭବତୀଙ୍କ ନିରାପଦ ପ୍ରସବ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥାନ୍ତି ଓ ପରିବାର ଲୋକଙ୍କୁ ସାହସ ଯୋଗାଇଥାନ୍ତି। ରାଜ୍ୟର ଉପାନ୍ତ ଜିଲାର ସୀମାନ୍ତ ଅଞ୍ଚଳକୁ ବିଶେଷଜ୍ଞ ଡାକ୍ତର ଆସି ରହିବାକୁ ରାଜି ହେଉ ନ ଥିବାବେଳେ ଏହିଭଳି ପରିସ୍ଥିତିରେ ଉପାନ୍ତ ଅଞ୍ଚଳରୁ ଜଣେ ଅଭିଜ୍ଞ ସ୍ତ୍ରୀରୋଗ ବିଶେଷଜ୍ଞଙ୍କୁ ଏଠାରୁ ବଦଳି କରି ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ଏବେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ଉମରକୋଟ ଓ ପାପଡାହାଣ୍ଡିଠାରେ ଜଣେ ଲେଖାଏ ଜିଲାରେ ସ୍ଥାୟୀ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ରହିଛନ୍ତି । ଏଭଳି ପରିସ୍ଥିତିରେ ଡାକ୍ତର ରାଉଳଙ୍କୁ ବଦଳି କରାଗଲେ ଜିଲାରେ ଦୁଇଜଣ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ରହିବେ । ଫଳରେ ଜିଲାରେ ରହୁଥିବା ଲକ୍ଷାଧିକ ମହିଳା ରୋଗୀ କିପରି ସେବାପାଇବେ ଏବଂ ଜିଲାରେ ଡାକ୍ତରଙ୍କ ଅଭାବ ରହିଥିବା ବେଳେ ତାଙ୍କୁ ବଦଳି କେତେ ଯୁକ୍ତିଯୁକ୍ତ ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ତେଣୁ ସରକାର ବା ସ୍ଥାନୀୟ ମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଡାକ୍ତରଙ୍କ ବଦଳିକୁ ବାତିଲ କରିବା ସହ ଜିଲାର ଯେକୌଣସି ଚିକିତ୍ସାଳୟରେ ଡାକ୍ତର ରାଉଳଙ୍କୁ ଅବସ୍ଥାପିତ କରାଗଲେ ରୋଗୀ ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଯଦି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ବଦଳିକୁ ବାତିଲ କରା ନ ଯାଏ ତା’ହେଲେ ମହିଳାଙ୍କ ସହ ପରିବାର ପରିଜନମାନେ ଅନେକ ସମସ୍ୟା ଭୋଗିବା ସହ ଖର୍ଚ୍ଚାନ୍ତ ହୋଇ ଜିଲା ଚିକିତ୍ସାଳୟ ବା ସହ ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ବାଧ ହେବେ ବୋଲି ଅନୁମାନ କରାଯାଉଛି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡାକ୍ତରଙ୍କ ବଦଳିକୁ ବାତିଲ କରିବା ସହ ଏହି ନିର୍ଦ୍ଦେଶକୁ ପୁନର୍ବିଚାର କରାଯାଉ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ରଥ ଶୁଭାରମ୍ଭ



ଅତିଥି ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

ପଡିଆ,୪।୪(ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ସଦର ମହକୁମା ବ୍ଲକ୍ କଲୋନିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷର ଶୁଭାରମ୍ଭ ଅବସରରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବ ପ୍ରସାଦ ମୁଦ୍ରାଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବେ ମାଡି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରାଯାଇ ଖଡ଼ି ଛୁଆଁ କରାଯାଇଥିଲା। ଖଡ଼ି ଛୁଆଁ କେବଳ ଏକ ପରମ୍ପରା ନୁହେଁ, ବରଂ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ଶୁଭାରମ୍ଭ ବୋଲି ଅତିଥି କହିଥିଲେ। ବ୍ଲକର ପ୍ରତି ପିଲା ଗୁଣାତ୍ମକ ଶିକ୍ଷା ପାଇବା ପାଇଁ ସରକାର ଓ ପ୍ରଶାସନ ପ୍ରତିବଦ୍ଧ। ସଚେତନତା ରଥ ସମଗ୍ର ଗ୍ରାମ ଭ୍ରମଣ କରି ଶତପ୍ରତିଶତ ନାମଲେଖା ନିଶ୍ଚିତ କରିବା ଦିଗରେ ଅଭିଭାବକମାନଙ୍କୁ ସଚେତନ କରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ରୁଞ୍ଜା ଈସୁ ଦାସ,ଏମ୍‌ପି ପ୍ରତିନିଧି.ପି ଭେଙ୍କେଟେଶ୍ୱର ରାଓ,ସରପଞ୍ଚ ଗଙ୍ଗା କାରାମ, ଭାଜପା ମଣ୍ଡଳ ସଭାପତି କୋଟାମ ବାଲାୟା, ବିଜେଡି ମଣ୍ଡଳ ସଭାପତି ସି.ଏଚ ରବୀଟ କୁମାର, ମେଷାକ ରବି ମାଦ୍ରୀ, ଶିକ୍ଷକ ସଂଘ ସଭାପତି ସୀତାରାମ ମାଡି ପ୍ରମୁଖ ସଚେତନତା ରଥକୁ ପୂଜାର୍ଚ୍ଚନା କରି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଓଡ଼ିଆ ଭାଷାରେ ନାମଫଳକ ଲେଖିବାକୁ ନିବେଦନ

ନବରଙ୍ଗପୁର,୪।୪(ସଦାଶିବ ପ୍ରହରାଜ)

ଓଡ଼ିଆ ପକ୍ଷ ପାଳନ ଅବସରରେ ନବରଙ୍ଗପୁରସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରୁ ଓଡ଼ିଆ ନାମଫଳକ ଅଭିଯାନ ନେଇ ଶନିବାର ଏକ ବିଶାଳ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରାଯାଇଥିଲା। ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଏବଂ ଜିଲାପାଳ ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ଏହି ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ସଂସ୍କୃତି ଅଧିକାରୀ ଘଷିଆ ହରିଜନଏବଂ ଜଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଉପସ୍ଥିତ ଥିଲେ।




ବିଧାୟକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନିଜର ନାମଫଳକ ବା ବ୍ରାଣ୍ଡିଂରେ ଓଡ଼ିଆ ଭାଷାକୁ ନିଶ୍ଚିତ ପ୍ରାଧାନ୍ୟ ଦେବା ୧୪ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ‘ଓଡ଼ିଆ ପକ୍ଷ’ରେ ନାମଫଳକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଏହି ଅଭିଯାନକୁ ବ୍ୟାପକ କରାଯାଇଛି। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଭାବେ ସର୍ବତ୍ର ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣ ଓ ବ୍ୟବସାୟୀ ସଂଘକୁ ନିବେଦନ ଓ ସଚେତନ କରାଯାଉଛି। ସଚେତନ ଶୋଭାଯାତ୍ରାରେ ଅଧିକାରୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା,ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତା, ଶ୍ରମ ବିଭାଗର କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

# ପିଲାଙ୍କୁ ଖଡ଼ି ଛୁଆଁଇ ପାଠପଢ଼ା ଶୁଭାରମ୍ଭ କଲେ ଜିଲାପାଳ



ଜିଲାପାଳ ମନୋଜ ସତ୍ୟବାନ ମହାଜନ ପିଲାଙ୍କୁ ଖଡ଼ି ଛୁଆଁଉଛନ୍ତି।

**କୋରାପୁଟ,୪।୪(ଅମିତାଭ ବେହେରା)**

### ନିୟମିତ ସ୍କୁଲ ପଠାଇବାକୁ ଅଭିଭାବକଙ୍କୁ ଅନୁରୋଧ

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପଡ଼େଇଗୁଡ଼ା ବିଦ୍ୟାଳୟରେ ପିଲାଙ୍କୁ ଖଡ଼ି ଛୁଆଁଇ କାର୍ଯ୍ୟକ୍ରମ ଶନିବାର ଶୁଭାରମ୍ଭ କରିଛନ୍ତି। ନିୟମିତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅଭିଭାବକଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରଚାର ପ୍ରସାରର ଲକ୍ଷ୍ୟ ନେଇ ଜିଲାର ବିଭିନ୍ନ ସ୍ଥାନରେ ଶିକ୍ଷାମୂଳକ ଓ ସାମ୍ପ୍ରଦାୟିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜିଲାର ବିଭିନ୍ନ ସ୍ଥାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳିତ ହୋଇଛି। ଜିଲାପାଳ ନୂତନ ଶିକ୍ଷାବର୍ଷରେ ପ୍ରଥମେ ବିଦ୍ୟାଳୟକୁ ଆସିଥିବା ଶିଶୁମାନଙ୍କୁ ଖଡ଼ି ଧରାଇ ସେମାନଙ୍କ ଶିକ୍ଷା ଯାତ୍ରା ଆରମ୍ଭ କରାଇଥିଲେ। ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକର୍ଷିତ କରିବା ଓ ତାଙ୍କ ଭବିଷ୍ୟତ ଗଠନରେ ଶିକ୍ଷାର ଗୁରୁତ୍ୱ ନେଇ ବୁଝାଇଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ବଡ଼ ଚିନ୍ଦ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ନୂତନ ଭର୍ତ୍ତି ହୋଇଥିବା ଶିଶୁମାନଙ୍କୁ ପୁସ୍ତକ, ବ୍ୟାଗ ଓ ଅନ୍ୟ ଶିକ୍ଷା ସାମଗ୍ରୀ ବିତରଣ କରିଥିଲେ। ଏଥିସହ ଅଭିଭାବକମାନଙ୍କୁ ପିଲାଙ୍କୁ ନିୟମିତ ସ୍କୁଲ ପଠାଇବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

## ୧୯୭ ସ୍କୁଲରେ ୩୨୦ ଛାତ୍ରୀଛାତ୍ରଙ୍କ ନାମଲେଖା

**ନନ୍ଦପୁର,(ତୁଷାର କାନ୍ତ ମହାନ୍ତି)**

### ବ୍ଲକସ୍ତରୀୟ ପ୍ରବେଶ, ଖଡ଼ିଛୁଆଁ ଉତ୍ସବ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି। ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ ଓ ସରପଞ୍ଚ ସାଜେନ୍ତି କିର୍ସାନୀ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ରଥ ବ୍ଲକର ୨୩ ପଞ୍ଚାୟତ ପରିକ୍ରମା କରି ଛାତ୍ରୀଛାତ୍ରଙ୍କୁ ସ୍କୁଲ ମୁହାଁ କରିବାକୁ ସଚେତନ କରିବ ବୋଲି ସୂଚନା ଦିଆଯାଇଛି। ଶିଶୁ ବାଟିକାରେ ନାମ ଲେଖାଇବାକୁ ଆସିଥିବା ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ କରାଯାଇଥିଲା। ବ୍ଲକର ୨୩ ପଞ୍ଚାୟତର ୧୯୭ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ କାର୍ଯ୍ୟକ୍ରମ ହୋଇଛି। ପ୍ରଥମଦିନ ମୋଟ ୩୨୦ ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ କରାଇ ନାମଲେଖା କାର୍ଯ୍ୟ କରାଯାଇଥିବା ଶିକ୍ଷାଧିକାରୀ ଗମାଙ୍ଗ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅତିଥି ପିଲାଙ୍କ ଖଡ଼ିଛୁଆଁ ବିଧି କରୁଛନ୍ତି।

## ଅଞ୍ଚଳରେ ରେଲୱେ ପ୍ରକଳ୍ପର ଉନ୍ନତି ଦାବିକଲେ ବିଧାୟକ

**ଜୟପୁର,୪।୪(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଭୁବନେଶ୍ୱରରେ ଆୟୋଜିତ ସର୍ବଦଳୀୟ ବୈଠକରେ ଯୋଗଦେଇ ଇଷ୍ଟକୋଷ୍ଟ ରେଲୱେ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅଞ୍ଚଳର ନ୍ୟାୟସଙ୍ଗତ ହକ୍ ଓ ସମଗ୍ର ଉନ୍ନତି ପାଇଁ ମତ ରଖିଥିଲେ। ୱାଲ୍ଟେୟାର ଡିଭିଜନକୁ କୋରାପୁଟ ଓ ରାୟଗଡ଼ା ଅଞ୍ଚଳରୁ ପ୍ରଚୁର ରେଭେନ୍ୟୁ ମିଳୁଥିବା ସତ୍ତ୍ୱେ ଅଞ୍ଚଳରେ ରେଲୱେ ସୁବିଧା, ଯାତ୍ରୀ ସେବା ଓ ଢାଞ୍ଚାଗତ ଉନ୍ନତିରେ ଦୀର୍ଘଦିନରୁ ଅବହେଳା ହୋଇଆସୁଥିବା ସେ କହିଛନ୍ତି। ଦୀର୍ଘ ସମୟ ଧରି କେନ୍ଦ୍ର ସରକାର ଓଡ଼ିଶାର ରେଲୱେ ଉନ୍ନତି ପ୍ରତି ଆବଶ୍ୟକ ଗୁରୁତ୍ୱ ଦେଇ ନ ଥିବା କହିଛନ୍ତି। ଓଡ଼ିଶାରୁ ନିର୍ବାଚିତ ହୋଇ ରାଜ୍ୟସଭାରେ ପ୍ରତିନିଧିତ୍ୱ କରୁଥିବା ରେଳମନ୍ତ୍ରୀଙ୍କ ମଧ୍ୟ ରେଲୱେ ସମସ୍ୟା ସମାଧାନ ଓ ଲୋକହିତ ପ୍ରତି ଗୁରୁତ୍ୱ ଦେଉନ ଥିବା କହି ଦୁଃଖ ପ୍ରକାଶ କରିଥିଲେ। ଅଞ୍ଚଳର ନ୍ୟାୟସଙ୍ଗତ ଅଧିକାର, ଉଚିତ ରେଲୱେ ସୁବିଧା, ନୂତନ ପ୍ରକଳ୍ପ ଉନ୍ନତି ପାଇଁ ଲଢ଼େଇ ଆଗାମୀ ଦିନରେ ଜାରି ରହିବ ବୋଲି କହିଛନ୍ତି।

## ଦୀନ୍‌ଦୟାଲ କର୍ମଶାଳା ଉଦ୍‌ଯାପିତ



କର୍ମଶାଳାରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ ।

**ନନ୍ଦପୁର,୪।୪(ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବ୍ଲକ ଭାଜପା ପକ୍ଷରୁ ୨୪ ଘଣ୍ଟିଆ ଦୀନ୍‌ଦୟାଲ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଛି। ନନ୍ଦପୁର ମଣ୍ଡଳ ସଭାପତି ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ୬୦ରୁ ଊର୍ଦ୍ଧ୍ୱ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜାତୀୟ ଭାଜପା କାଉନସିଲ ସଦସ୍ୟ ଜୟରାମ ଭୋଇ, ରାଜ୍ୟ କାଉନସିଲ ସଦସ୍ୟ ଭଗବାନ ମୁଦୁଲି ପ୍ରବକ୍ତା, ମଣ୍ଡଳ ପାଇଁ ନିଯୁକ୍ତ ପ୍ରଭାରୀ ଗଦାଧର ବାରିକ, ମନ କି ବାତ୍ ପ୍ରଭାରୀ ମନୋଜ ସାହାଣୀ, ଜିଲା ଭାଜପା ସାଧାରଣ ସମ୍ପାଦକ ଚୈତନ୍ୟ ହନ୍ତାଳ, ବିଧାୟକ ପ୍ରାର୍ଥୀ ଚୈତନ୍ୟ ନନ୍ଦିବାଲି, ପୂର୍ବତନ ଜିଲା ଉପସଭାପତି ସରୋଜ ମିଶ୍ର ପ୍ରମୁଖ କର୍ମକର୍ତ୍ତାଙ୍କୁ ଦଳର ନୀତି ଆଦର୍ଶ ଓ ୧୨ ସୂତ୍ରୀ କାର୍ଯ୍ୟକ୍ରମ ନେଇ ଅବଗତ କରିଥିଲେ। କର୍ମଶାଳାର ଅଭିଜ୍ଞତାକୁ ଗ୍ରାମାଞ୍ଚଳ କ୍ଷେତ୍ରରେ ଉପଯୋଗ କରି ଦଳୀୟ ଦୃଷ୍ଟିକୋଣ ଓ ଆଭିମୁଖ୍ୟ ପ୍ରଚାରପ୍ରସାର ସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାକୁ ମଣ୍ଡଳ ସମ୍ପାଦକ କପିଳ ପ୍ରସାଦ ଦାସ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୪୪ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

**କୋରାପୁଟ/ଦଶମନ୍ତପୁର,୪।୪ (ଅମିତାଭ ବେହେରା/ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ଅବକାରୀ ବିଭାଗ ପକ୍ଷରୁ ଦଶମନ୍ତପୁର ବ୍ଲକ୍ ଅଞ୍ଚଳରେ ଚଢ଼ାଉ କରାଯାଇ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଦଶମନ୍ତପୁର ବ୍ଲକ ଅଧୀନ କୁନ୍ଦୁପୁଟ ଗ୍ରାମର ସୀମା ହିକକା। ତାଙ୍କଠାରୁ ୪ ବସ୍ତାରେ ଲୁଚାଇ ରଖିଥିବା ୪୪ କେଜି ଗଞ୍ଜେଇ ଜବତ କରାଯାଇଛି। ଚଢ଼ାଉରେ ଲକ୍ଷ୍ମୀପୁର ଅବକାରୀ ଷ୍ଟେଶନ ଓଆଇସି କୁସା ଜାଲଙ୍କ ନେତୃତ୍ୱରେ ସ୍ମୃତିକାନ୍ତ ବିଶ୍ୱାଳ, ଉଷାବତୀ ଭାତ୍ରା, ମେଘନାଦ ସବର ଓ ଜଣେ ଅବକାରୀ କନଷ୍ଟେବଲ ଅଂଶଗ୍ରହଣ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଥିବା କୋରାପୁଟ ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି।

### ଫେରାର ୧୧ ଅଭିଯୁକ୍ତ ଗିରଫ

**ଜୟପୁର,୪।୪(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସଦର ପୋଲିସ ବିଭିନ୍ନ ଅପରାଧିକ ମାମଲାରେ ଫେରାର ଥିବା ୧୧ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପିଲ୍ଲି ଗ୍ରାମର ଧନୁର୍ଯ୍ୟୟ ଖାତି, କୁମୁଲିପୁଟ ଗ୍ରାମର ବିଷ୍ଣୁ ବାହାଦୁର, ସିଆଡିମାଳ ଗ୍ରାମର ଶିବ ମୁଦୁଲି, ସାନକାଉଡି ଗ୍ରାମର ଗୋବିନାଥ ହାଲବା, ପିଣ୍ଟୁ ବାହାଦୁର, ସାନଜିଉନା ଗ୍ରାମର ଲଛମନ ନାୟକ, ପ୍ରେମ ନାୟକ, କୁମାର ନାୟକ ହରିଜନ, ବାରିଣିପୁଟ ଗ୍ରାମର ରୁଜୁ ମୁଦୁଲି, ପୁରୁଷୋତ୍ତମ ମୁଦୁଲି, କୈଳାଶ ଖୋସଲା। ଅଭିଯୁକ୍ତମାନଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ସେହିଦିନଠାରୁ ସେମାନେ ଫେରାର ରହିଥିଲେ। ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ସଦର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୫ ପ୍ରତିଶତ କାଟି ଶ୍ରମିକ ନେତାଙ୍କୁ ଫେରାଇଲେ ବଳକା ଟଙ୍କା

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଭେଣ୍ଡର ପିସି କାଟିବା ଘଟଣା

**ନନ୍ଦପୁର,୪।୪ (ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମାଳିବେଲଗାଁ ପଞ୍ଚାୟତର ୩ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଭେଣ୍ଡର ୨୭ ପ୍ରତିଶତ ପିସି କାଟିବା ଘଟଣା ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ପ୍ରଶାସନିକ ଚାପରେ ଭେଣ୍ଡର ଶ୍ରମିକ ନେତାଙ୍କୁ ୫ ପ୍ରତିଶତ ଭେଣ୍ଡର ପ୍ରାପ୍ୟ କାଟି ବଳକା ଅର୍ଥ ଫେରସ୍ତ କରିଥିବା ଜଣାପଡ଼ିଛି। ୩ କାର୍ଯ୍ୟର ଶ୍ରମିକ ନେତା ହରି ବଡ଼ନାୟକ, ମଙ୍ଗୁଲୁ ଖରା ଓ ଧନପତି ସୀସା ଧରିତ୍ରୀ, ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

ସୂଚନାନୁଯାୟୀ, ମାଳି ବେଲଗାଁ ପଞ୍ଚାୟତର ବଡଟାଙ୍କୁଆ–ବଦଲିପଣ୍ଡି ରାସ୍ତା ଓ କଲଭର୍ଟ ନିର୍ମାଣ କାର୍ଯ୍ୟ ସରିବା ପରେ ସାମଗ୍ରୀ ଦେୟ ବାବଦକୁ ଭେଣ୍ଡର ଗଗନ ବିହାରୀ ପ୍ରଧାନଙ୍କ ବ୍ୟାଙ୍କ ଖାତାରେ ୨୩୭୭୯୯ ଟଙ୍କା ଚଢ଼ିଥିଲା। ସେ ଏହାର ୨୭ ପ୍ରତିଶତ ପିସି କାଟି ହରିଙ୍କ ଆକାଉଣ୍ଟକୁ ଟଙ୍କା ଛାଡିଥିଲେ। ପରଜବେଲଗାଁ ୟୁଜିଏଚ୍‌ଏସ୍ ବାଉଣ୍ଡରି ୱାଲ କାର୍ଯ୍ୟର ସାମଗ୍ରୀ ଦେୟ ବାବଦକୁ ୩୫୮୧୫୨ଟଙ୍କାରୁ ଭେଣ୍ଡର ୨୫ ପ୍ରତିଶତ କାଟି ମଙ୍ଗୁଲୁଙ୍କୁ ଟଙ୍କା ଦେଇଥିଲେ। ସେହିଭଳି କଦମଗୁଡ଼ା ମଣ୍ଡାପାଣି ଝୋଲା କାର୍ଯ୍ୟର ସାମଗ୍ରୀ ଦେୟ ବାବଦକୁ ଆକାଉଣ୍ଟକୁ ଆସିଥିବା ୩୦୯୯୬୭ଟଙ୍କାରୁ ଧନପତିଙ୍କୁ ୨୪ ପ୍ରତିଶତ ପିସି କାଟି ଟଙ୍କା ଦେଇଥିଲେ। ଏଥିରେ ୩ ଶ୍ରମିକ ନେତା ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଭେଣ୍ଡର ବିଲ୍ କରିଥିବା ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏଭଳି ପିସି କାଟି ଟଙ୍କା ପଠାଇଥିବା କହିଥିଲେ। ଏ ନେଇ ଖବର ପ୍ରକାଶ ହେବା ପରେ ଭେଣ୍ଡରଙ୍କୁ ବ୍ଲକ୍ ଓ ଜିଲା ପ୍ରଶାସନ ପକ୍ଷରୁ ଚାପ ପଡ଼ିଥିଲା। ଭେଣ୍ଡର ୫ ପ୍ରତିଶତ କାଟି ହରିଙ୍କୁ ୪୭ହଜାର, ମଙ୍ଗୁଲୁଙ୍କୁ ୭୯୬୩୦ଟଙ୍କା ଓ ଧନପତିଙ୍କୁ ୬୧୯୯୫ ଟଙ୍କା ଫେରସ୍ତ କରିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟଗୁଡ଼ିକରେ ପିସି କାଟିବା ଘଟଣାର ପୁନରାବୃତ୍ତି ନ ହେବା ନେଇ ବ୍ଲକ୍, ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।



ଟଙ୍କା ଫେରିପାଇଥିବା ୩ ଶ୍ରମିକ ନେତା।

## ଆମ ପୋଲିସ ସମିତି ବୈଠକ

**ଜୟପୁର,୪।୪(ପବନ ପାଣିଗ୍ରାହୀ)**

ଜୟପୁର ଟାଉନଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ଅଧ୍ୟକ୍ଷତାରେ ଏସଡିପିଓ ଅର୍ଚ୍ଚିତା ମିତଲ ଉପସ୍ଥିତ ଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିବା, ବିଶ୍ୱାସ, ସହଯୋଗ ବଢାଇବା ବୈଠକର ଲକ୍ଷ୍ୟ ବୋଲି କହିଥିଲେ। ସ୍ଥାନୀୟ ସମସ୍ୟା ତଥା ଆଇନଶୃଙ୍ଖଳା, ସୁରକ୍ଷା ସାଇବର କ୍ରାଇମକୁ ନେଇ ଜନସାଧାରଣ ପୋଲିସକୁ ସହଯୋଗ କରିବା ଆବଶ୍ୟକ ରହିଛି। ବୈଠକରେ ଓକିଲ ସଂଘ ସଭାପତି ବିଜୟକୁମାର ରାୟ ଜେନାଦେଓ, ଉପସଭାପତି ଶତର କୁମାର ମାଝି, ସମ୍ପାଦକ ସହଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସମାନେ ଓକିଲ ଓ ମହକିଲମାନଙ୍କ ସହ ଭଲ ବ୍ୟବହାର କରିବା ଉଚିତ ବୋଲି କହିଥିଲେ। ବୈଠକରେ ସହରର ଟ୍ରାଫିକ ସମସ୍ୟା, ଆଲୋକିକରଣ ନଥିବାରୁ ଲୁଟ ଓ ରାହାଜାନୀ ବଢ଼ିବାରେ ଲାଗିଛି। ପୋଲିସ ଦୃଷ୍ଟିଦେବାକୁ ଦାବି ହୋଇଛି।

### ୩ ଆନ୍ତଃ ଜିଲା ଡକାୟତ ଗିରଫ

**ବାଲିଗୁଡ଼ା,୪।୪(ସଞ୍ଜୟ କୁମାର ପାଣିଗ୍ରାହୀ)**

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ଥାନା ଅଞ୍ଚଳରେ ଏକ ତାଲା ପଡ଼ିଥିବା ଘରୁ ହୋଇଥିବା ଚୋରି ଜିନିଷକୁ ଉଦ୍ଧାର କରିବା ସହ ଉକ୍ତ ଘଟଣାରେ ସଂଶ୍ଳିଷ୍ଟ ଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପ୍ରତାପ ଜାନି, ଚଇତୁ ଜାନି ଓ ମିଲୁ ଜାନି। ଏନେଇ ବାଲିଗୁଡା ଏସଡିପିଓ ଶୁଭମ ଭୋସଲେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୋଟଗଡ ଥାନା ଅନ୍ତର୍ଗତ ରେଟାବାଲି ଗ୍ରାମର ପବିତ୍ର ନାୟକଙ୍କ ଏତଲା ପ୍ରକାରେ ମାର୍ଚ୍ଚ ୨୨ରେ ସେ ତାଙ୍କ ବ୍ୟକ୍ତିଗତ କାମ ପାଇଁ ନିକଟସ୍ଥ ବଣ୍ଡାପିପିଲି ବଜାରକୁ ଯାଇଥିଲେ ଏବଂ ତାଙ୍କ ପରିବାର ସଦସ୍ୟ ଘର ତାଲା ପକାଇ ମହୁଲ ଫୁଲ ସଂଗ୍ରହ କରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରୁ ଫେରି ଘରେ ସୁନା ଏବଂ ରୁପା ଅଳଙ୍କାର ଏବଂ ନଗଦ ଥିବା ଏକ ଲକ୍ଷ ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ପବିତ୍ର ସଙ୍ଗେ ମାର୍ଚ୍ଚ ୨୩ ରେ କୋଟଗଡ ଥାନାରେ ଏତଲା ଦେଇଥିଲେ। ନଂ.୫୩/୨୬ରେ ପୋଲିସ ଏସଆଇ ଜିତେନ୍ଦ୍ର କୁମାର ବେହେରା ତଦନ୍ତ ମାମଲାର ତଦନ୍ତ କରିଥିଲେ।

## ୧୦ରେ ହେବ ବାଲଡା ପାହାଡ଼ ଦମକ ଯାତ୍ରା



ବାଲଡା ନାଗେଶ୍ୱରୀ ପୂଜା କମିଟି ସଦସ୍ୟ ଜୟପୁର ରାଜାଙ୍କୁ ନିମନ୍ତ୍ରଣ କରୁଛନ୍ତି।

**ନନ୍ଦପୁର/ପାଡୁଆ,୪।୪ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

ବୈଶାଖ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡ଼ା ମାଳିଡଙ୍ଗର ପାହାଡ଼ରେ ସ୍ଥାପିତ ମା' ନାଗେଶ୍ୱରୀଙ୍କ ଦମକ ଯାତ୍ରା ଚଳିତମାସ ୧୦ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ପାହାଡ଼ ପାରିପାର୍ଶ୍ୱିକ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ମା' ନାଗେଶ୍ୱରୀ ପୂଜା କମିଟି ପକ୍ଷରୁ ଯାତ୍ରାରେ ଯୋଗଦେବାକୁ ଜୟପୁର ମହାରାଜା ବିଶ୍ୱେଶ୍ୱର ଚନ୍ଦ୍ରଚୁଡ ଦେବ ବର୍ମାଙ୍କୁ କମିଟି ସଦସ୍ୟ କାମେଶ୍ୱର କାର୍ତ୍ତୁଲ, ମଧୁସୁଦନ ଦୋରା, ରେଲି ସୀସା, ବଳରାମ ହନ୍ତାଳ, ଜଗନ୍ନାଥ ପାଙ୍ଗୀ, ସୁବାସ ସୀସା, ଦୈତାରୀ ଖୁବା, ସୁନ୍ଦର ରାୟ କଅଁର ପ୍ରମୁଖ ଜୟପୁର ରାଜ ନିବାସରେ ଭେଟି ନିମନ୍ତ୍ରଣ କରିଥିଲେ। ନନ୍ଦପୁରବାସୀଙ୍କ ଅନୁରୋଧକୁ ରାଜା ସ୍ୱୀକାର କରିଛନ୍ତି। ଯାତ୍ରାରେ ପାହାଡ ଶିଖର ଗୁମ୍ଫାରେ ସ୍ଥାପିତ ମା' ନାଗେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବେ ବୋଲି ସୂଚନା ଦେଇଛନ୍ତି। ରାଜାଙ୍କ ଉପସ୍ଥିତି ଚଳିତବର୍ଷ ଯାତ୍ରାର ଶୋଭା ବର୍ଦ୍ଧନ କରିବ। ଯାତ୍ରା ଓ ପୂଜାର୍ଚ୍ଚନା ପାଳନ କରିବାକୁ ପ୍ରସ୍ତୁତି ଚାଲିଥିବା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନତା ଶୋଭାଯାତ୍ରା

**ଜୟପୁର,୪।୪(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଶ୍ରମ କାର୍ଯ୍ୟାଳୟ ଓ ଜୟପୁର ସିଟି ହାଇସ୍କୁଲର ମିଳିତ ସହଯୋଗରେ ଓଡ଼ିଆ ଭାଷା ପକ୍ଷ ଅବସରରେ ଜୟପୁର ସହରରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ଅଭିଯାନ ନେଇ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ସହରର ବ୍ୟବସାୟୀ ଓ ଜନସାଧାରଣଙ୍କୁ ନିଜ ନାମଫଳକ ଓଡ଼ିଆରେ ଲେଖିବାକୁ ଅନୁରୋଧ କରାଯାଇଛି। ଶୋଭାଯାତ୍ରାକୁ ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ତୃପ୍ତି ବରାଇ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସିଟି ହାଇସ୍କୁଲର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶ୍ରମ କାର୍ଯ୍ୟାଳୟ କର୍ମଚାରୀମାନେ ହାତରେ ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସଚେତନତା ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିଲା। ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତା, ରାଜା ପ୍ୟାଲେସ, ଏମ୍‌ଜି ରୋଡ୍ ଦେଇ ଶ୍ରମ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଭାଗୀୟ ଶ୍ରମ କମିଶନର ବୃନ୍ଦାବନ ସେଠୀଙ୍କ ନେତୃତ୍ୱରେ ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝୀ ସହଯୋଗ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରତାପ ପଟ୍ଟନାୟକ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ବନ୍ଦିତା ପାଣିଗ୍ରାହୀ ଓ ପି.ମନସା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ଜିଲା ଶ୍ରମ କାର୍ଯ୍ୟାଳୟ ଓ ସିଟି ହାଇସ୍କୁଲ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

## ଗୋପବନ୍ଧୁ ନଗରରେ ଦଣ୍ଡଯାତ୍ରା

**ସୁନାବେଡ଼ା/ସେମିଳିଗୁଡ଼ା, ୪।୪ (କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)**

ସେମିଳିଗୁଡ଼ା ଗୋପବନ୍ଧୁ ନଗରରେ ମା'ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀଙ୍କ ପକ୍ଷରୁ ନିମନ୍ତ୍ରଣ ପାଇ ଦାମନଯୋଡ଼ି ଅଞ୍ଚଳର ୩୫ଜଣିଆ ଦଣ୍ଡୁଆ ଦଳ ପହଞ୍ଚିଛନ୍ତି। ନୀତି ଅନୁଯାୟୀ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଥିଲା। ଦଣ୍ଡୁଆମାନେ ସକାଳୁ ସହରର ବିଭିନ୍ନ ସାହି ପରିକ୍ରମା କରିଥିଲେ। ମାନସିକଧାରୀଙ୍କ ଘର ଆଗ ରାସ୍ତାରେ ଧୂଳିଦଣ୍ଡ କରି ସ୍ଥାନୀୟ ସତ୍ୟନଗର ପୋଖରୀରେ ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଥିଲା। ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟ ଶିବମନ୍ଦିରରେ ମା'ଦଣ୍ଡ କାଳୀଙ୍କ ଆରତୀ କରାଯାଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକମାନେ ସହଯୋଗ କରିଥିଲେ।



ଦଣ୍ଡୁଆମାନେ ମାନସିକଧାରୀଙ୍କ ଘର ଆଗରେ ଧୂଳିଦଣ୍ଡ କରୁଛନ୍ତି।

## ଆଗାମୀ ପୌର ନିର୍ବାଚନରେ ଲଢ଼ିବ ଓଡ଼ିଶା ଜନତା କଂଗ୍ରେସ

**ସୁନାବେଡ଼ା/କୋରାପୁଟ,୪।୪ (କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)**

### ମିଶ୍ରଣ ପର୍ବରେ ସୂଚନା ଦେଲେ ମହମ୍ମଦ ମୋକିମ

କୋରାପୁଟ ଜିଲାର ୩ ପୌରାଞ୍ଚଳରେ ହେବାକୁ ଥିବା ଆଗାମୀ ପୌର ପରିଷଦ ନିର୍ବାଚନ ପାଇଁ ନୂତନ ଭାବେ ଗଠିତ ଓଡ଼ିଶା ଜନତା କଂଗ୍ରେସ ପ୍ରାର୍ଥୀ ଦେବ। ଏ ନେଇ ସେମିଳିଗୁଡ଼ାର ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ପୂର୍ବତନ କଟକ ବାରବାଟୀ ବିଧାୟକ ତଥା ଦଳ ମୁଖିଆ ମହମ୍ମଦ ମୋକିମ ସୂଚନା ଦେଇଛନ୍ତି। ତାଙ୍କୁ ଦଳୀୟ କର୍ମକର୍ତ୍ତା ଶୋଭାଯାତ୍ରା କରି ହୋଟେଲ ସଭାଗୃହକୁ ନେଇଥିଲେ। ମୁଖିଆ ମୋକିମ ଦଳରେ ନୂଆକରି ଯୋଗଦେଇଥିବା ସମସ୍ତ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଦଳର ଆଗାମୀ କାର୍ଯ୍ୟପନ୍ଥା ଓ ସାଙ୍ଗଠନିକ ପରିବର୍ତ୍ତନ ନେଇ କହିଥିଲେ। ଦଳର ଏହା ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିବାରୁ ସର୍ବସମ୍ମତି କ୍ରମେ ସାଙ୍ଗଠନିକ ସ୍ଥିତି ମଜଭୁତ କରିବାକୁ ନୂଆ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାର ସ୍ୱାର୍ଥ ରକ୍ଷା ଓ ଲୋକଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳ ସଂକଳ୍ପବଦ୍ଧ। ବିଭିନ୍ନ ଜିଲାର କର୍ମକର୍ତ୍ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ଦଳ ଗାଁ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହ ସେମାନଙ୍କ ହକ୍ ପାଇଁ ଲଢ଼େଇ କରିବ ବୋଲି କହିଥିଲେ। ଓଡ଼ିଶାରେ ଏକ ସ୍ୱଚ୍ଛ ଓ ଦୃଢ଼ ବିକଳ୍ପ ରାଜନୈତିକ ଶକ୍ତି ଭାବେ ଦଳ ଉଭା ହେବ ବୋଲି ଆଶା ପ୍ରକଟ କରାଯାଇଛି। ବିଜେଡି ଓ ଭାଜପା ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମରେ ନିକୁଞ୍ଜ ପଶାୟତ, କୃଷ୍ଣଚନ୍ଦ୍ର ପ୍ରଧାନ, ଜୀନୁ ସ୍ୱାଇଁ, ଆର୍ଯ୍ୟ ଲେଙ୍କା, ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ପୂର୍ବତନ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ ଓ ଦଳର କର୍ମକର୍ତ୍ତାମାନେ।

## ଈଶ୍ୱର ଆଲ୍ଲା ତେରେ ନାମ, କିନ୍ନର ନାଟକ ମଞ୍ଚସ୍ଥ

**ଦାମନଯୋଡ଼ି/ଜୟପୁର,୪।୪ (ନରସିଂହ ବ୍ରହ୍ମା/ପବନ ପାଣିଗ୍ରାହୀ)**

### ତ୍ରିଂଶତମ ପଞ୍ଚପଞ୍ଚମାଳୀ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

କୋରାପୁଟ ଜିଲା ଦାମନଯୋଡିର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ସେକ୍ଟର-୧ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ବିଚ୍ଛନ୍ଦ ଚରଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଲ୍‌କୋ ଖଣି ଓ ବିଶୋଧନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର, ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭି.ଏସ୍.ଏସ୍. ଆନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ଭଦ୍ରକ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନାଟକ 'ଈଶ୍ୱର ଆଲ୍ଲା ତେରେ ନାମ' ମଞ୍ଚସ୍ଥ ହୋଇଥିଲା। ଡ.ସୁଧାଂଶୁ ନାୟକ ଏହାର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି। ସେହିପରି ଜୟପୁର ସାଂସ୍କୃତିକ ଅନୁଷ୍ଠାନ ଶ୍ରାବଣୀ ପକ୍ଷରୁ ଦ୍ୱିତୀୟ ନାଟକ 'କିନ୍ନର' ମଞ୍ଚସ୍ଥ ହୋଇଛି। ଏହି ନାଟକ ଚନ୍ଦ୍ରଶେଖର ଦାଶଙ୍କ ରଚିତ ଓ ନିରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ହୋଇଛି। ଜଣେ କିନ୍ନରର କାହାଣୀ ଉପରେ ପରିବେଷିତ ହୋଇଥିଲା। କିନ୍ନରମାନେ ମାନସିକ ଚାପରେ ରହିବା ସହ ସାମାଜିକ ନିର୍ଯାତନା ଓ ଘରୋଇ ହିଂସାର ଶିକାର ହେଉଛନ୍ତି ତାହା ପରିବେଷଣ କରିଥିଲେ କଳାକାର। କିନ୍ତୁ ଜଣେ କିନ୍ନର ଦୁନିଆ ସହ ଲଢ଼େଇ କରି ଲୋକଙ୍କ ସେବା କରି ଅନ୍ୟ ପାଇଁ ଉଦାହରଣ ହୋଇପାରିଛି ତାହା କାହାଣୀର ସାରମର୍ମ। ଓଡ଼ିଶାର ନାଟ୍ୟକାର ରମାକାନ୍ତ ମିଶ୍ର, ନବଦୀପ ମହାଳିକ ଓ ଦିନେଶ ଦାସ ପ୍ରମୁଖ ବିଚାରକ ଥିଲେ। ୧୩ ତାରିଖ ଯାଏ ଏହି ପ୍ରତିଯୋଗିତା ଚାଲିବ। ବିଭିନ୍ନ ଜିଲାରୁ ଆସିଥିବା ୩୫ ଆବେଦନରୁ ୧୮ ନାଟକ ମଞ୍ଚସ୍ଥ ପାଇଁ ବିବେଚିତ ହୋଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଅନୁଷ୍ଠାନର ସମ୍ପାଦକ ନିର୍ମଳ ରାଉତ ଓ ସଦସ୍ୟ ଶ୍ରୀଧର ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ।



କଳାକାରମାନେ ମଞ୍ଚରେ ନାଟକ ପରିବେଷଣ କରୁଛନ୍ତି।

